ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ

ବନାମ

କମ୍ପୋଟାର୍

(ଦେୱାନୀ ଆବେଦନ ସଂଖ୍ୟା 1868/2008)

10 ମାର୍ଚ୍ଚ, 2008

[ଡ. ଅରିଜିତ୍ ପଶାୟତ ଏବଂ ପି. ସଥାସିଭମ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ମୋଟର ଯାନ ଅଧିନିୟମ, 1988:*

*ଦୁର୍ଘଟଣା -ଦାବି ନ୍ୟାୟାଧିକରଣ କ୍ଷତିପୂରଣ ପ୍ରଦାନ କଲେ -ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀ-ରାଜ୍ୟ ସଡ଼କ ପରିବହନ ନିଗମକୁ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ -ନ୍ୟାୟାଧିକରଣର ନିର୍ଦ୍ଦେଶ ଅନୁଯାୟୀ ଏହି ରାଶିକୁ ବିନିଯୋଗ କରି ଓ ଦାବିଦାର-ଉତ୍ତରଦାତା ସଂଖ୍ୟା 1 କୁ ପ୍ରଦାନ କରାଯିବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ - ଆପତ୍ତି - ନିର୍ଣ୍ଣୟ କରାଗଲା:ଉଚ୍ଚ ନ୍ୟାୟାଳୟର ଆଦେଶ ବାସ୍ତବରେ ଅଯୌକ୍ତିକ ଥିଲା - ଜମା ଉପରେ ଦାବିଦାରଙ୍କୁ ଏହି ରାଶି କାହିଁକି ପ୍ରଦାନ କରାଯିବ ସେ ବିଷୟରେ କୌଣସି କାରଣ ସୂଚିତ କରାଯାଇ ନଥିଲା - ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ଉଚ୍ଚ ନ୍ୟାୟାଳୟକୁ ନିର୍ଦ୍ଦେଶ I*

**ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ଆବେଦନ ଦାୟର ତାରିଖ ଠାରୁ ପ୍ରକୃତ ଦେୟ ତାରିଖ ପର୍ଯ୍ୟନ୍ତ 6 ପ୍ରତିଶତ ହାରରେ ସୁଧ ସହିତ 8 ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିଲେ I ଆବେଦନ ଉପରେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀ-ରାଜ୍ୟ ସଡ଼କ ପରିବହନ ନିଗମକୁ ଦାବି ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ I ନ୍ୟାୟାଧିକରଣର ନିର୍ଦ୍ଦେଶ ଅନୁଯାୟୀ ଏହି ରାଶି ବିନିଯୋଗ କରି ଦାବିଦାର-ଉତ୍ତରଦାତା ସଂଖ୍ୟା 1 କୁ ପ୍ରଦାନ କରିବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ I**

**ଏହି ନ୍ୟାୟାଳୟରେ ଆବେଦନରେ, ଆବେଦନକାରୀଙ୍କ ଯୁକ୍ତି ହେଉଛି ଯେ ଉତ୍ତରଦାତା ସଂଖ୍ୟା 1 ଦ୍ୱାରା କରାଯାଇଥିବା ଦାବି ନଗଣ୍ୟ ଏବଂ ମିଥ୍ୟା ଥିଲା ଏବଂ ଆବେଦନକୁ ଗ୍ରହଣ କରିବା**

**ସମୟରେ, ଉଚ୍ଚ ନ୍ୟାୟାଳୟ ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ନୁହେଁ ଏବଂ ଦାବିଦାର-ଉତ୍ତରଦାତା ସଂଖ୍ୟା 1 କୁ ଜମା ରାଶି ପ୍ରଦାନ କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ ।**

**ଆବେଦନକୁ ଫଇସଲା କରି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ: ଉଚ୍ଚ ନ୍ୟାୟାଳୟର ଆଦେଶ କାର୍ଯ୍ୟତଃ ଅଯୌକ୍ତିକ ଏବଂ ଉଚ୍ଚ ନ୍ୟାୟାଳୟ କାହିଁକି ଏପରି ଅନୁଭବ କଲେ ଯେ ଏହି ଜମା ପରେ ରାଶିକୁ ଦାବିଦାରଙ୍କୁ  ପ୍ରଦାନ କରାଯିବ, ଏହାର କୌଣସି କାରଣ ସୂଚିତ କରାଯାଇ ନାହିଁ । ତେଣୁ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ଏବଂ ନୂତନ ଆଦେଶ ପାରିତ କରିବାକୁ ଉଚ୍ଚ ନ୍ୟାୟାଳୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି । [ଅନୁଚ୍ଛେଦ 5]**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1868/2008

F.A.F.O ସଂଖ୍ୟା 1092/2007ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର 19/4/2007 ତାରିଖର ଅନ୍ତିମ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ତାନିଆ ସିଂହ ଏବଂ ରାମେଶ୍ୱର ପ୍ରସାଦ ଗୋୟଲ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ**ଙ୍କ ଦ୍ୱାରା । 1. ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଖଣ୍ଡପୀଠ ଦ୍ୱାରା ପାରିତ ଆଦେଶକୁ ଆପତ୍ତି କରାଯାଇଛି, ଯେଉଁଥିରେ ଆବେଦନକାରୀଙ୍କୁ MACC ସଂଖ୍ୟା 431/2005 ରେ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ/ ସ୍ୱତନ୍ତ୍ର ବିଚାରପତି, ମଥୁରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମ୍ପୂର୍ଣ୍ଣ ରାଶିକୁ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ନିର୍ଦ୍ଦେଶ ଦିଆଯାଇଥିଲା ଯେ ନ୍ୟାୟାଧିକରଣର ନିର୍ଦ୍ଦେଶ ଅନୁଯାୟୀ ଏହି ରାଶି ବିନିଯୋଗ କରାଯିବ ଏବଂ ଦାବିଦାର-ଉତ୍ତରଦାତା ସଂଖ୍ୟା 1 କୁ ପ୍ରଦାନ କରାଯିବ ।

3. ଆବେଦନକାରୀଙ୍କ ପାଇଁ ବିଜ୍ଞ ଓକିଲ ଉପସ୍ଥାପନ କରିଥିଲେ ଯେ ଏକ ବିସ୍ତୃତ, ନଗଣ୍ୟ ଏବଂ ମିଥ୍ୟା ଦାବି ଦାଖଲ କରାଯାଇଥିଲା । ଏହା ଉପସ୍ଥାପିତ ହୋଇଥିଲା ଯେ ବାସ୍ତବ ପରିସ୍ଥିତି ଉପରେ ଏକ ଖୋଲା ନଜର ପକାଇବା ଦ୍ୱାରା ଏହା ଜଣାପଡ଼ିବ ଯେ ଏହି ଦାବି କରିବାର କୌଣସି

ଆଧାର ନାହିଁ । ଉକ୍ତ ଦୁର୍ଘଟଣାଟି 24.12.2000 ରେ ଘଟିଥିଲା, 31.5.2001 ରେ ଏଫ୍.ଆଇ.ଆର୍. ପଞ୍ଜିକୃତ ହୋଇଥିଲା ଏବଂ ଡିସେମ୍ବର, 2005 ରେ ମୋଟର ଯାନ ଅଧିନିୟମ, 1988 (ସଂକ୍ଷେପରେ 'ଅଧିନିୟମ') ର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ଦାବି କରି ଏକ ଦାବି ଆବେଦନ ଦାଖଲ କରାଯାଇଥିଲା ।

4. ଏହି ତଥ୍ୟଗୁଡ଼ିକୁ ଅଣଦେଖା କରି ନ୍ୟାୟାଧିକରଣ ଦାବି ଆବେଦନ ଦାଖଲ ତାରିଖ ଠାରୁ ପ୍ରକୃତ ଦେୟ ତାରିଖ ପର୍ଯ୍ୟନ୍ତ 6 ପ୍ରତିଶତ ହାରରେ ସୁଧ ସହିତ 8,11,351/- ଟଙ୍କାର କ୍ଷତିପୂରଣ ପ୍ରଦାନ କରିଥିଲେ । ଆବେଦନକୁ ଗ୍ରହଣ କରିବା ସମୟରେ, ଉଚ୍ଚ ନ୍ୟାୟାଳୟ, ଆବେଦନକାରୀଙ୍କ ଅନୁଯାୟୀ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ ନୁହେଁ ଏବଂ ଦାବିଦାରଙ୍କୁ ଜମା ରାଶି ପ୍ରଦାନ କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ ।

5. ଏହି ପ୍ରସଙ୍ଗରେ ଏପର୍ଯ୍ୟନ୍ତ ସୂଚନା ଜାରି କରାଯାଇ ନାହିଁ, କିନ୍ତୁ ଆମେ ଅନୁଭବ କରୁଛୁ ଯେ ଉଚ୍ଚ ନ୍ୟାୟାଳୟର ଆକ୍ଷେପିତ ଆଦେଶ କାର୍ଯ୍ୟତଃ ଅଯୌକ୍ତିକ ଏବଂ ଏହି ପରିମାଣ ଦାବିଦାରଙ୍କୁ ଜମା ଉପରେ ପ୍ରଦାନ କରାଯିବ ବୋଲି ଉଚ୍ଚ ନ୍ୟାୟାଳୟ କାହିଁକି ଅନୁଭବ କଲେ ତାହାର କୌଣସି କାରଣ ସୂଚିତ କରାଯାଇ ନାହିଁ । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କୁ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବାକୁ ଏବଂ ନୂତନ ଆଦେଶ ପାରିତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

6. ପକ୍ଷମାନଙ୍କ ପାଇଁ ଅନାବଶ୍ୟକ ବିଳମ୍ବ ଏବଂ ଅସୁବିଧାକୁ ଏଡ଼ାଇବା ପାଇଁ ଆମେ ଏହି ଆଦେଶ ପାରିତ କରିଛୁ ।

7. ତଦନୁସାରେ ଆବେଦନଟିର ଫଇସଲା କରାଯାଇଛି ।

ବି.ବି.ବି. ଆବେଦନ ଫଇସଲା ହେଲା ।

## ୟୁ.ପି. ରାଜ୍ୟ ସଡ଼କ ପରିବହନ ନିଗମ ବନାମ
## କମ୍ପୋଟାର୍ [ନ୍ୟାୟମୂର୍ତ୍ତି ଡ. ଅରିଜିତ୍ ପଶାୟତ]

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।